## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମୃତ

**ଅନୁଗୋଳ ଅଫିସ, ୧୯।୪:** ଅନୁଗୋଳ ଜିଲାରେ ହାତୀ ଆକ୍ରମଣରେ ପୁଣି ଜଣଙ୍କର ଜୀବନ ଯାଇଛି। ମୃତକ ଜଣଙ୍କ ଅଣଓଡ଼ିଆ ହୋଇଥିବା ବେଳେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ବୁଧବାର ଅନୁଗୋଳ ଜିଲା ପୁରୁଣାକୋଟ ଗ୍ରାମ ଜଙ୍ଗଲ ନିକଟରେ ବୁଲୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ମେଡିକାଲ ସୂତ୍ରରୁ ପ୍ରକାଶ।

### ୨ ଶିକାରୀ ଗିରଫ

**ବଣ୍ଡା, ୧୯।୪ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଦନ୍ତାରିଖୋଳ ଜଙ୍ଗଲରୁ ମଙ୍ଗଳବାର ରାତିରେ ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଠମଲ୍ଲିକ ଥାନା ବାଲିସାହି ଗ୍ରାମର ଟୁକୁନା ପଡ଼ନ ଓ ଠାକୁରଗଡ଼ ଥାନା ଖୋଳସାହିର ଆର୍ତ୍ତ ମାଝି। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ, ୬ଟି ଅଫୁଟା ଗୁଳି ଜବତ କରାଯାଇଛି। ଦୁଇ ଶିକାରୀ ଜଙ୍ଗଲରେ ଜନ୍ତୁ ଶିକାର କରିବା ପାଇଁ ବନ୍ଧୁକ ଧରି ବୁଲୁଥିବା ବେଳେ ଖବରପାଇ ଧଣ୍ଡାତୋପା ରେଞ୍ଜର ବହ୍ନିବାହନ ସାହୁଙ୍କ ସମେତ ବନ କର୍ମଚାରୀ ଚଢ଼ାଉ କରି ଗିରଫ କରିଥିଲେ।

# ଅତିଷ୍ଠ କରୁଛି ବିଦ୍ୟୁତ୍ ବିଭ୍ରାଟ

**ବଅଁରପାଳ, ୧୯।୪ (ଡି.ଏନ.ଏ.)**

ଅନୁଗୋଳ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରକୋପ ଜାରି ରହିଛି। ତାପମାତ୍ରା ରେକର୍ଡ ପରେ ରେକର୍ଡ କରୁଥିବା ବେଳେ ବଅଁରପାଳ ବ୍ଲକ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କୁ ଅତିଷ୍ଠ କରିଦେଉଛି। ଦିନରେ ତାତି ଓ ରାତିରେ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଥିବାରୁ ବିଦ୍ୟୁତ୍‌ର ଆବଶ୍ୟକତା ବଢ଼ିଯାଇଛି। ହେଲେ ଏପରି ସମୟରେ ଦିନକୁ ୧୦ରୁ ୧୫ ଥର ବିଦ୍ୟୁତ୍ ବିଭ୍ରାଟ ଚିନ୍ତାର ବିଷୟ ହୋଇଛି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ବଅଁରପାଳ, ତଳମୂଳ, ମହୀଧରପୁର, ଫୁଲପଡ଼ା, ବଉଳିଗଡ଼, ଗଡ଼ସନ୍ତ୍ରୀ, ନୂଆହତା, ବୁଢ଼ାପଙ୍କ, ଗୋଟମରା, କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ ଆଦି ଅଞ୍ଚଳରେ କିଛିଦିନ ହେଲା ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ସକାଳୁ ବିଳମ୍ବିତ ରାତି ମଧ୍ୟରେ ବହୁବାର ଲାଇନ ଯାଉଥିବାରୁ ଲୋକେ ଗରମରୁ ତ୍ରାହି ପାଇପାରୁ ନାହାନ୍ତି। ଏପରି କି ରାତିରେ ଯାଉଥିବା ବିଦ୍ୟୁତ୍ ସକାଳ ପର୍ଯ୍ୟନ୍ତ ଆସୁ ନ ଥିବା ଅନେକ ଉପଭୋକ୍ତା ଅଭିଯୋଗ କରୁଛନ୍ତି। ସେମାନେ କହିଛନ୍ତି, ପୂର୍ବରୁ ଲୋ ଭୋଲଟେଜ ଉପଭୋକ୍ତାମାନଙ୍କୁ ଅସୁବିଧାରେ ପକାଉଥିବା ବେଳେ ଏବେ ଅଘୋଷିତ ପାୱାର କଟ୍ ସମସ୍ୟା ବଢ଼ାଇ ଦେଇଛି। ସକାଳୁ ପ୍ରବଳ ତାତି ଆରମ୍ଭ ହୋଇଯାଉଥିବା ବେଳେ ରାତିବେଳା ଗୁଳୁଗୁଳି ଜନଜୀବନକୁ ଅଥୟ କରିଦେଉଛି। ଏପରି କ୍ଷେତ୍ରରେ ବିଦ୍ୟୁତ୍ ବିଭାଗର



ଦାୟିତ୍ୱ ଅଧିକ ବଢ଼ିଯିବା କଥା। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣର ଅଭାବ, ଠିକ୍‌ଭାବେ ମରାମତି କାର୍ଯ୍ୟ କରା ନ ଯିବା ଦ୍ୱାରା ଏପରି ବାରମ୍ବାର ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେଉଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ତାହାକୁ ବଦଳାଯାଉ ନାହିଁ। କେତେକ ସ୍ଥାନରେ ଦୀର୍ଘଦିନର ପୁରୁଣା ତାରଗୁଡ଼ିକୁ ପରିବର୍ତ୍ତନ କରାଯାଉ ନାହିଁ। ଦୀର୍ଘବର୍ଷ ତଳର ଖୁଣ୍ଟ ଓ ତାରରେ ସେବା ଯୋଗାଇ ଦିଆଯାଇଥିବାରୁ ବିଭିନ୍ନ ସ୍ଥାନରେ ତାହା ଭାଙ୍ଗୁଛି ତ କେବେ ପୁଣି ଛିଣ୍ଡିଯାଉଛି। ତେବେ ତାହାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ପରିବର୍ତ୍ତେ ସେହି ତାର ଓ ଖୁଣ୍ଟକୁ ଯୋଡ଼ାଯୋଡ଼ି କରି କାମ ଚଳାଇ ଦିଆଯାଉଥିବା ଦେଖାଯାଉଛି।

■ବଅଁରପାଳରେ ଚିନ୍ତାଜନକ ହେଲାଣି ସ୍ଥିତି
■ଦିନକୁ ୧୦ରୁ ୧୫ ଥର କଟୁଛି କରେଣ୍ଟ
■ଗରମ, ଗୁଳୁଗୁଳିରୁ ମିଳିପାରୁନି ତ୍ରାହି

ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ଧ୍ୟାନ ଦେଉନାହାନ୍ତି। ତେଣୁ ଏହା ବିଦ୍ୟୁତ୍ ବିଭ୍ରାଟର କାରଣ ହେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସେବା ଆବଶ୍ୟକ ଅନୁଯାୟୀ ମିଳିପାରୁ ନାହିଁ। ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ କର୍ତ୍ତୃପକ୍ଷ ଯେପରି ତତ୍ପରତା ଦେଖାଉଛନ୍ତି, ଯଦି ସେବା ପ୍ରଦାନ କ୍ଷେତ୍ରରେ ସେପରି ଦେଖାନ୍ତେ, ତା'ହେଲେ ଲୋକଙ୍କୁ ଏପରି ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ ବୋଲି ବଅଁରପାଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଅଁରପାଳ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆଶୁତୋଷ ନାୟକ କହିଛନ୍ତି, ବର୍ତ୍ତମାନ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଛି। ସେଥିପାଇଁ ବିଦ୍ୟୁତ୍ କାଟ ସମସ୍ୟା ଦେଖାଦେଇଛି। ଧୀରେ ଧୀରେ ସମସ୍ୟାର ସମାଧାନ କରାଯିବ।

**ଖୁବ୍‌ଶୀଘ୍ର ଆନ୍ଦୋଳନ କରାଯିବ**



ତାତି ସହି ହେଉ ନ ଥିବା ବେଳେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏ ନେଇ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ଖୁବ୍‌ଶୀଘ୍ର ଆନ୍ଦୋଳନ କରାଯିବ।

-ବିନୋଦ ମାଝି, ବ୍ଲକ କଂଗ୍ରେସ ସଭାପତି, ବଅଁରପାଳ

**ଗଛ ଡାଳ ଭାଙ୍ଗି ତାର ଉପରେ ପଡୁଛି**



ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରୁଣା ଗଛ ଅନେକ ସମୟରେ ବିଦ୍ୟୁତ୍ ବିଭ୍ରାଟର କାରଣ ହେଉଛି। କାଳବୈଶାଖୀ ବେଳେ ଗଛର ଡାଳ ଭାଙ୍ଗି ତାର ଉପରେ ପଡୁଥିବାରୁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି।

-ଗୋପାଳ ନାୟକ, ଜିଲା ପରିଷଦ ସଦସ୍ୟ

**ଅସ୍ତବ୍ୟସ୍ତ କରୁଛି ଗୁଳୁଗୁଳି**



ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ଦିନକୁ ପ୍ରାୟ ୧୦ରୁ ୧୫ଥର ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଗରମ ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ଧ୍ୟାନ ଦେଉନାହାନ୍ତି।

-ଯୁଧିଷ୍ଠିର ବେହେରା, ପୂର୍ବତନ ସରପଞ୍ଚ, ତଳମୂଳ

**ଠିକ୍ ଭାବେ ମରାମତି ହେଉନି**



ବିଦ୍ୟୁତ୍ କାଟ ସମସ୍ୟା ବର୍ତ୍ତମାନ ବଅଁରପାଳ ଅଞ୍ଚଳରେ ମୁଖ୍ୟ ସମସ୍ୟା ଭାବେ ମୁଣ୍ଡ ଟେକିଛି। ବିଶେଷକରି ରାତିରେ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ଲୋକଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ମରାମତି କାର୍ଯ୍ୟ ଭଲଭାବେ କରାଯାଉ ନ ଥିବାରୁ ଏପରି ହେଉଛି।

- ବିଭବ ଜେନା, କୁଲାଡ଼

## ପୁଅ ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ

**ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା କଞ୍ଚରା ଗ୍ରାମର ରାଜବୁରୀ ବାରିକ ସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅଙ୍କ ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳାମ୍ବର ବାରିକ। ପ୍ରକାଶ ଯେ, ସନ୍ଧ୍ୟାରେ ନୀଳାମ୍ବର ଓ ତାଙ୍କ ସ୍ତ୍ରୀ ମାମିଙ୍କ ମଧ୍ୟରେ ପାରିବାରିକ ଘଟଣାକୁ ନେଇ ବଚସା ହୋଇଥିଲା। ଏହି ସମୟରେ ନୀଳାମ୍ବର ସ୍ତ୍ରୀଙ୍କୁ ମାରପିଟ କରିବା ସହିତ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଖବରପାଇ ନୀଳାମ୍ବରଙ୍କ ସାନପୁଅ ସିପୁନ ବାରିକ ଘରେ ପହଞ୍ଚି ମା'ଙ୍କୁ ଆକ୍ରମଣ କରାଯାଉଥିବା ଦେଖି ଉତ୍କ୍ଷିପ୍ତ ହୋଇପଡ଼ିବା ସହ ଟାଙ୍ଗିଆ ଛଡ଼ାଇ ଆଣି ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଟାଙ୍ଗିଆ ଚୋଟରେ ନୀଳାମ୍ବର ଘଟଣାସ୍ଥଳରେ ଟଳିପଡିଥିଲେ। ଗୁରୁତର ମାମିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଥାନା ଅଧିକାରୀ ସରୋଜକାନ୍ତ ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ଜରପଡା ଥାନାରେ ନଂ. ୧୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ଜରପଡା ଥାନା ଅଧିକାରୀ ସାମଲ ପ୍ରକାଶ କରିଛନ୍ତି।

## ଆଇନ ସଚେତନତା ଶିବିର

**ଅନୁଗୋଳ ଅଫିସ, ୧୯।୪**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ବୁଧବାର ବଲାସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ଫ୍ୟାମିଲି ଜଜ୍ ସଦାଶିବ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କୁ ଆଇନ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା ଯଥା ଏଫ୍‌ଆଇଆର୍ (ଏତଲା), ଜାମିନ, ସମନ, ୱାରେଣ୍ଟ, ଅପିଲ୍ ଆଦି ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇ ସଚେତନ କରାଯାଇଥିଲା। ଏହି ଶିବିରରେ ଫ୍ୟାମିଲି ଜଜ୍ ସଦାଶିବ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଐଶ୍ୱର୍ଯ୍ୟା କର, ଶୁଭଲକ୍ଷ୍ମୀ ପଟ୍ଟନାୟକ, ସିଲଭାଷା ବଡ଼ଜେନା ଏବଂ ବଳାସିଙ୍ଗା ପଞ୍ଚାୟତର ସରପଞ୍ଚ ମମତା ପ୍ରଧାନ ଉପସ୍ଥିତ ଥିଲେ। ଏହି ଶିବିରକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ଏସ୍. ଶୁଭଲକ୍ଷ୍ମୀ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

## ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଅ

**ବଣ୍ଡା, ୧୯।୪ (ଡି.ଏନ.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ସମସ୍ତ କର୍ମୀ ଏକଜୁଟ ହୋଇ ନବୀନ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ କିଭଳି ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଲେଖପୁର ଆମ୍ବତୋଟା ପରିସରରେ ବୁଧବାର ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ କର୍ମୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ସଭାପତି ପ୍ରାଣବନ୍ଧୁ ସାହୁଙ୍କ ସଭାପତିତ୍ୱରେ



ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ଜନପ୍ରତିନିଧିମାନେ।

ଅନୁଷ୍ଠିତ ବୈଠକରେ ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ସମିତିସଭ୍ୟ ମନୋରଞ୍ଜନ ସାହୁ, ବିନୋଦ ମିଶ୍ର, ସନ୍ତୋଷ ବିଶ୍ୱାଳ, ପବିତ୍ର ସାହୁ, ଟିଙ୍କୁ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ସନ୍ତୋଷ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ସମସ୍ତ କର୍ମୀ ଏକଜୁଟ ହେବାକୁ ସମ୍ମିଳନୀରେ ପରାମର୍ଶ ଦିଆଯାଇଥିଲା।

## କ୍ଷେତରେ ପଶିଲା ପାଉଁଶ ପାଣି

**ତାଳଚେର, ୧୯।୪ (ନି.ପ୍ର.)**

ତାଳଚେର ବ୍ଲକ ବଡଯୋରଡ଼ା ପଞ୍ଚାୟତ କଳିଙ୍ଗ ଡିଏଭି ସ୍କୁଲ ସମ୍ମୁଖଦେଇ ଯାଇଥିବା ପାଉଁଶ ପାଇପ୍ ଲାଇନ ଫାଟି ପାଉଁଶ ମିଶା ପାଣି ଆଖପାଖ ଅଞ୍ଚଳର ଚାଷ ଜମିକୁ ମାଡ଼ି ଯାଇଥିବା ଅଭିଯୋଗ ହୋଇଛି। ଏହି ପାଉଁଶ ପାଣି ଯୋଗୁ ନାଲ୍‌କୋର ରେଳ ଧାରଣା ମଧ୍ୟ ସମ୍ପୂର୍ଣ୍ଣ ବୁଡି ଯାଇଥିଲା। ପ୍ରକାଶ ଯେ, ଉକ୍ତ ପାଇପ୍ ଲାଇନ ଅପରାହ୍ନ ସମୟରେ ହଠାତ ଫାଟିଯିବାରୁ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ପାଣି ଉପରକୁ ଉଠିଥିଲା। ଖବରପାଇ ନାଲ୍‌କୋ ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୭ଟାରେ ପାଉଁଶ ପରିବହନ ହେଉଥିବା ଉକ୍ତ ପାଇପ୍ ଲାଇନକୁ ତୁରନ୍ତ ବନ୍ଦ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ନାଲ୍‌କୋ ପ୍ରଶାସନର ଅବହେଳା ଓ ପାଇପଲାଇନର ଠିକ୍ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଯୋଗୁ ଏଭଳି ସମସ୍ୟା ହେଉଥିବା ସରପଞ୍ଚ ଜିତେନ କୁମାର ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାଲ୍‌କୋ ସିପିପି ମାନବସମ୍ବଳ ଉପମହାପ୍ରବନ୍ଧକ ସୁନୀଲ ମହାପାତ୍ର କହିଛନ୍ତି, ଫାଟିଯାଇଥିବା ପାଇପ୍‌ର ମରାମତି କରାଯାଇଛି। ପ୍ରବାହିତ ପାଉଁଶ ପାଣି ଚାଷ ଜମିକୁ ଯାଇନାହିଁ।



ପାଇପ୍ ଫାଟି ପାଉଁଶ ପାଣି ପ୍ରବାହିତ ହେଉଛି।

## ପାତ୍ରପଡ଼ାରେ ହାତୀ ଉପଦ୍ରବ

**ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ପାତ୍ରପଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ଦନ୍ତା ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ତାରବାଡ ଭାଙ୍ଗି ୨ ହାତୀ ମକା, କଦଳୀ, ବାଦାମ ଆଦି ଫସଲ ନଷ୍ଟ କରିଦେଇଥିବା ଚାଷୀ ସୁଇନ ସାହୁ, ହୃଦାନନ୍ଦ ସାହୁ, ଯଜ୍ଞେଶ୍ୱର ସାହୁ, ଦୁଃଶାସନ ସାହୁ ଓ ଗଣେଶ୍ୱର ସାହୁଙ୍କ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ହାତୀ ଦୁଇଟି ଗ୍ରାମ ନିକଟ ଦେବୀନଗର ଜଙ୍ଗଲରେ ରହିଥିବାରୁ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀ ପଲ ଦୀର୍ଘଦିନ ହେବ ଏ ଅଞ୍ଚଳରେ ରହି ଲୋକଙ୍କ ଫସଲ ନଷ୍ଟ କରୁଥିବାବେଳେ ବନ ବିଭାଗ ଘଉଡାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତୁରନ୍ତ ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ସହ ହାତୀପଲଙ୍କୁ ଘଉଡ଼ାଇବାକୁ ଚାଷୀମାନେ ଦାବି କରିଛନ୍ତି।



## ଅର୍ଥକରୀ ଚାରାରୋପଣ ପରାମର୍ଶ

**ଆଠମଲ୍ଲିକ, ୧୯।୪ (ଡି.ଏନ.ଏ.)**

ଆଠମଲ୍ଲିକ ବନଖଣ୍ଡ ସଭାଗୃହଠାରେ ୩ଗୋଟି କ୍ଷେତ୍ର ପରିଚାଳନା ଏକକକୁ ନେଇ ବୁଧବାର ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଠମଲ୍ଲିକ, ମାଧପୁର, ଓ ବାମ୍ଭୁର ବନାଞ୍ଚଳର ସଭାପତି, କୋଷାଧ୍ୟକ୍ଷ, ଆନିମେଟର ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କପପୁଲା, ଏସିଏଫ୍ ଗୌରୀ ଶଙ୍କର ଦାଶ, ଏସିଏଫ ସଚ୍ଚିଦାନନ୍ଦ ସେଠୀ, ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ, ବୈଷୟିକ ବିଶେଷଜ୍ଞ ଗିରିଜା ଶଙ୍କର ଦାଶ ଏବଂ ଜେକେ ପେପର କାରଖାନା ମ୍ୟାନେଜର ଶରତ କୁମାର ସାହୁ, ଡେପୁଟି ମ୍ୟାନେଜର ଲମ୍ବୋଦର ସାହୁ ଏବଂ ଚାରାରୋପଣ ଅଧିକାରୀ




କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅର୍ଥକରି ଚାରା ରୋପଣ କରି ଶୀଘ୍ର ଲାଭ ପାଇବାକୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାକୁ ବୈଷୟିକ ବିଶେଷଜ୍ଞ ଦାସ ପରିଚାଳନା କରିଥିବା ବେଳେ ଜେକେ ପେପର ମ୍ୟାନେଜର ସାହୁ ହିତାଧିକାରୀମାନଙ୍କୁ ତାଲିମ ଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ବିଶ୍ୱ ଯୁବକେନ୍ଦ୍ର ସମସ୍ତ ପ୍ରକାର ସହଯୋଗ କରିଥିଲେ। ସମୁଦାୟ ୬୩ ଜଣ ପୁରୁଷ ଓ ୨୦ ଜଣ ମହିଳା ଉପସ୍ଥିତ ରହି ତାଲିମ ନେଇଥିଲେ। ସଂଯୋଜକ ଦେବାନନ୍ଦ ନାୟକ ଓ ବନବିଭାଗ କର୍ମଚାରୀ ସହଯୋଗ କରିଥିଲେ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ, ୧୯।୪**

ଅନୁଗୋଳ ଜିଲାରୁ ପୁଣି ବ୍ରାଉନସୁଗାର ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ବ୍ରାଉନସୁଗାର ବିକ୍ରି ପାଇଁ ଗରାଖ ଅପେକ୍ଷାରେ ଥିବା ଜଣେ ବେପାରୀଙ୍କୁ ଅବକାରୀ କର୍ମଚାରୀ ଗିରଫ କରିଥିବା ବେଳେ ତାଙ୍କ ଠାରୁ ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ତାଳଚେର ବିରାଦରପଡାର ଚଗଲା ବେହେରା। ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ କହିଛନ୍ତି, ତାଳଚେର ବିରାଦରପଡ଼ାର ସ୍ୱର୍ଗତ କାଳିଆ ବେହେରାଙ୍କ ପୁଅ ଚଗଲା ବେହେରା ବ୍ରାଉନସୁଗାର ବିକ୍ରି କରିବାକୁ ଗରାଖ ଅପେକ୍ଷାରେ ଥିବାବେଳେ ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଚଗଲାଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା।



ଜବତ ବ୍ରାଉନସୁଗାର ସହ ଗିରଫ ବ୍ୟବସାୟୀଙ୍କୁ ଅବକାରୀ ବିଭାଗ ହାଜର କରାଇଛି।

## ୧୯ ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧନା

**ବଅଁରପାଳ, ୧୯।୪ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋର ୧୯ଜଣ ବରିଷ୍ଠ ଶ୍ରମିକ ନେତାଙ୍କୁ ବୁଧବାର ନେପୁ ତରଫରୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ନେପୁ ସଭାପତି ତଥା ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଶରତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧରଣ ସମ୍ପାଦକ ବୈରାଗୀ ସେଠ ଅତିଥି ପରିଚୟ ଦେଇଥିଲେ। ବିନୋଦ ବିହାରୀ ସେଠ, ରମେଶ ଚନ୍ଦ୍ର ବେହେର, ଜଳଧର ସିଂ, ବିନୋଦିନୀ ପ୍ରଧାନ, ଅନୀଲ ଗଡ଼ନାୟକ, ମାଙ୍ଗିଲାଲ ସାମଲ, ଡମ୍ବରୁଧର ଗଡ଼ନାୟକଙ୍କ ସମେତ ୧୯ ଜଣ ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଦିଲୀପ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱରୂପ ଗଡ଼ନାୟକ, ଯୁବ ଶ୍ରମିକ ନେତା ଦୀପକ ସାମନ୍ତସିଂ, ଜିତେନ୍ଦ୍ର ଜେନା, ଜଗନ୍ନାଥ ସେଠ, ତଅଁଲୁ ସାହୁ, ସରୋଜ ସାହୁ, ସତ୍ୟଜିତ ସାମଲ, ଦୀପକ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଜୟ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



## ୬୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍

**କଣିହାଁ, ୧୯।୪ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ୬୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏନ୍‌ଟିପିସି ଉତ୍କର୍ଷ ମେରିଟ୍ ସ୍କଲାରଶିପ୍ ପ୍ରଦାନ କରାଯାଇଛି। କଣିହାଁ ଓ ତାଳଚେର ବ୍ଲକର ୧୩ ପଞ୍ଚାୟତରୁ ଚୟନ କରାଯାଇଥିବା ଏହି ମେଧାବୀ ତଥା ଗରିବ ଛାତ୍ରୀଛାତ୍ରଙ୍କୁ ଗତ ୧୭ ତାରିଖରେ ସ୍କଲାରଶିପ୍ ପ୍ରଦାନ କରାଯାଇଥିଲା। ସ୍କଲାରଶିପ୍ ପାଇଥିବା ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ୫୩ ଜଣ ଦଶମ ଶ୍ରେଣୀ, ୨ ଜଣ ଦ୍ୱାଦଶ, ୪ ଜଣ ଆଇଟିଆଇ ଓ ୨ ଜଣ ବିଟେକ୍ ଏବଂ ଜଣେ ଏମ୍‌ବିବିଏସ୍ ଶିକ୍ଷାର୍ଥୀ ଅଛନ୍ତି। ଏହି ସ୍କଲାରଶିପ୍ ବାବଦରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ୩ ହଜାର, ଆଇଟିଆଇ ଶିକ୍ଷାର୍ଥୀଙ୍କୁ ୫ ହଜାର, ବିଟେକ୍ ଓ ଏମ୍‌ବିବିଏସ୍ ଶିକ୍ଷାର୍ଥୀଙ୍କୁ ୯୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସ୍କଲାରଶିପ୍ ବାବଦରେ ପ୍ରଦାନ କରାଯାଇଥିବା ଉକ୍ତ ଆର୍ଥିକ ସହାୟତା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ଓ ଭବିଷ୍ୟତ ଗଠନ ଦିଗରେ ସହାୟକ ହୋଇପାରିବ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି ଇଡି କେ.ଏସ୍. ସୁନ୍ଦରାମ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କଠିନ ପରିଶ୍ରମ, ଦକ୍ଷତାର ପୂର୍ଣ୍ଣ ବିନିଯୋଗ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହ ଦେଶ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ପ୍ରୋଜେକ୍ଟ ଆର୍.ଏନ. ଦାସ, ଏଜିଏମ୍ ସିଏସ୍‌ଆର୍ ରଫିକୁଲ ଇସଲାମ, ଏଜିଏମ୍ ଏଚ୍‌ଆର୍ ବି.କେ. ପାଣ୍ଡେ ଏବଂ ଏଜିଏମ୍ ସଞ୍ଜୀବ କୁମାର ପ୍ରମୁଖଙ୍କ ସହ କର୍ମଚାରୀ ଓ ସ୍କଲାରଶିପ୍ ପାଇଥିବା ଛାତ୍ରୀଛାତ୍ରମାନଙ୍କ ମାତାପିତା ଉପସ୍ଥିତ ଥିଲେ।




ଏନ୍‌ଟିପିସି ଅଧିକାରୀମାନଙ୍କ ସହ ସ୍କଲାରଶିପ୍ ପାଇଥିବା ଛାତ୍ରୀଛାତ୍ରମାନେ।

## ସଂକ୍ଷେପରେ

### ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍ ଭୁବନେଶ୍ୱର ଗଲେ ୪୨ ଜଣିଆ ଟିମ୍

**ଢେଙ୍କାନାଳ ଅଫିସ, ୧୯।୪-** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ୨୨ ତାରିଖ ଯାଏ ଆୟୋଜିତ ହେଉଛି ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଢେଙ୍କାନାଳରୁ ୪୨ ଜଣିଆ ଟିମ୍ ଏକ ସ୍ୱତନ୍ତ୍ର ବସ୍‌ରେ ବୁଧବାର ଭୁବନେଶ୍ୱର ଯାଇଛନ୍ତି। ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ସରୋଜ କୁମାର ସେଠୀ ଧୂପ ଦେଇ ଟିମ୍ ସଦସ୍ୟଙ୍କ ଶୁଭକାମନା କରିଥିଲେ। ଏଥିସହ ପତାକା ଦେଖାଇ ବସ୍‌ର ଶୁଭାରମ୍ଭ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟିମ୍‌ରେ ୧୦ ସ୍କୁଲ ଛାତ୍ରୀଛାତ୍ର, ୮ କଲେଜ ଛାତ୍ରୀଛାତ୍ର, ୧୦ ଆଟିଆଇ ଓ ପଲିଟେକ୍‌ନିକ୍ ଛାତ୍ରୀଛାତ୍ର, ୧୦ ଏସ୍‌ଟିଇଏମ୍ ଶିକ୍ଷୟତ୍ରୀ ଶିକ୍ଷକ, ୨ଜଣ ଓଏଓ଼ଡିଏ-ପିଏଲ୍‌ଟିପି ରୋଲମଡେଲ, ନୋଡାଲ ଅଫିସର ଲିଙ୍କନ୍ ମହାନ୍ତି ଏବଂ ଜିଲା ନିୟୋଜନ ଅଧିକାରୀ ସାମିଲ ଅଛନ୍ତି।

# ରାସ୍ତାକୁ ଓହ୍ଲାଇଲେ ଆଳତୁମାବାସୀ

**ଏନ୍‌ଏଚ୍ ୫୩ ନିର୍ମାଣ କାର୍ଯ୍ୟ ମନ୍ଥର**

**କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.)**


ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

ଅନୁଗୋଳରୁ ଯାଜପୁରକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଧୀମେଇଛି। ଉକ୍ତ ବ୍ୟସ୍ତବହୁଳ ସଡ଼କ ମରଣଯନ୍ତା ପାଲଟିଥିବାବେଳେ ଏହାକୁ ନେଇ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେଲାଣି। ଏହାର ପ୍ରତିବାଦରେ ବୁଧବାର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଳତୁମାବାସୀ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଯାଜପୁର-ଭୁବନ-କାମାକ୍ଷାନଗର-ତାଳଚେର- ଅନୁଗୋଳକୁ ଯାତାୟାତ ଠପ୍ ହୋଇଯାଇଥିଲା।

ଅଭିଯୋଗ ଅନୁଯାୟୀ, ୫୩ନଂ. ଜାତୀୟ ରାଜପଥ କାର୍ଯ୍ୟ ଦୀର୍ଘଦିନ ହେଲା ଚାଲିଛି। ହେଲେ ଏହା ସମ୍ପୂର୍ଣ୍ଣ ହେଉନାହିଁ। ଖାଲଖମାରେ ଭର୍ତ୍ତି ହୋଇଥିବା ରାସ୍ତା ମରଣଯନ୍ତା ପାଲଟିଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦିଆଯାଇଥିବାରୁ ଧୂଳି ଉଡ଼ି ଅଣନିଃଶ୍ୱାସୀ କରୁଛି। ଠିକାସଂସ୍ଥା ଗୁରୁତ୍ୱ ଦେଉ ନ ଥିବାରୁ ରାସ୍ତାକାମ ବିଳମ୍ବିତ ହେବାରେ ଲାଗିଛି। ଏହାର ପ୍ରତିବାଦରେ ଆଳତୁମା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। କାମାକ୍ଷାନଗର ଏନ୍‌ଏସି ନଗରପାଳ ଧର୍ମାନନ୍ଦ ପରିଡ଼ା, ସନ୍ତୋଷ ମହାନ୍ତି, କାଉନ୍‌ସିଲର ସଞ୍ଜୟ ପରିଡ଼ା, ଶୁଭ୍ରାଂଶୁ ମହାନ୍ତି, ହେମନ୍ତ ଦାସ, ରାସବିହାରୀ ମହାନ୍ତି, ଅନ୍ତର ମହାନ୍ତି, ତ୍ରିପୁର ଖୁଣ୍ଟିଆ, ଗୁଣ୍ଡିଚା ବେହେରା, ଆଶୁତୋଷ ସାହୁ, କାଳିଆ ମହାନ୍ତି, ସୁଶାନ୍ତ ଦାସ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସୂଚନା ପାଇ ଥାନାଧିକାରୀ ଶରତ କୁମାର ମହାଲିକ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ଭିତରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଡାକି ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବ। କାମ ଯେପରି ତ୍ୱରାନ୍ୱିତ ହେବ, ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ୨ ଦିନରେ ଏନ୍‌ଏଚ୍ ମରାମତି ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୯।୪**

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ବୁଧବାର ଜାତୀୟ ରାଜପଥ ଏବଂ ବାଇପାସ୍‌ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ ନିର୍ମାଣାଧୀନ ଜାତୀୟ ରାଜପଥର ଖାଲଖମାକୁ ଦୁଇଦିନ ମଧ୍ୟରେ ମରାମତି କରିବାକୁ ସେ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଜବରଦଖଲ ଯୋଗୁ ଜନସାଧାରଣ ଗମନାଗମନରେ ସମସ୍ୟା ଭୋଗୁଛନ୍ତି। ଯଥାସମ୍ଭବ ରାସ୍ତା ଅବରୋଧକାରୀଙ୍କୁ ଉଚ୍ଛେଦ କରିବାକୁ ଜିଲାପାଳ ପୌର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲାପାଳ ସହର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିଲାଗି ରାସ୍ତା ପ୍ରଶସ୍ତୀକରଣ, ପର୍ଯ୍ୟାପ୍ତ ଆଲୋକବ୍ୟବସ୍ଥା, ଜନଗହଳି ଛକରେ ଏକ ପ୍ରକାର ଟ୍ରାଫିକ୍ ପୋଷ୍ଟ, ଅନାବଶ୍ୟକ ଓ ଅବୈଧ ଭାବେ ଲାଗିଥିବା ହୋର୍ଡିଂ ହଟାଇବା, ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା ଲାଗି ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ବିଦ୍ୟାଳୟ ସମ୍ମୁଖରେ ସାଇନେଜ୍ ଲଗାଇବା, ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଓସାରିଆ କରିବା, ଦୁର୍ଘଟଣାପ୍ରବଣ ସ୍ଥାନରେ ଜଗୁଆଳ ବ୍ୟବସ୍ଥା କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ରାସ୍ତା କାର୍ଯ୍ୟ ଅନୁଧାନ ବେଳେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ, ପୌର ପ୍ରଶାସନ ଓ ପୂର୍ତ୍ତ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ରାସ୍ତାକାମର ସମୀକ୍ଷା କରୁଛନ୍ତି।

# କୃପାଭିକ୍ଷୁ ହରିବାବାଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୧୯।୪**

ଢେଙ୍କାନାଳ ସପ୍ତଶଯ୍ୟା କଳ୍କୀ ନାରାୟଣ ମନ୍ଦିର ପ୍ରତିଷ୍ଠାତା କୃପାଭିକ୍ଷୁ ଶ୍ରୀହରିଦାସ ବାବାଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ 'ଉତ୍କଳ ସତ୍ୟ ସମାଜ' ପକ୍ଷରୁ ପୀଠ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରିଆ ମଠାଧୀଶ ସଦାନନ୍ଦ ଦାସ ମହାରାଜା, ସମ୍ମାନିତ ଅତିଥି ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଶ୍ରୀହରିଦାସ ବାବାଙ୍କ ରଚିତ 'ମୋ ବାୟାଧନ ଟି' ବାଲ୍ୟଖଣ୍ଡର ନୂତନ ସଂସ୍କରଣ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପଣ୍ଡିତ ଭଗବାନ ଦାସ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସଙ୍କଟ ଭଞ୍ଜନ ପଟ୍ଟନାୟକ, ନିରୋଜ ନଳିନୀ ମହାଲିକ, ଇଂ. ବାବୁଚାନ୍ଦ ମହାଲିକ, ସୁରମା ପଟ୍ଟନାୟକ, ଶକ୍ତିପ୍ରସାଦ ନନ୍ଦ, ସପ୍ତଶଯ୍ୟାର ପୂର୍ବତନ ସରପଞ୍ଚ ଗଣେଶ୍ୱର ସାହୁ, ଯେଶସ ସାହୁ, ନବକିଶୋର ସ୍ୱାଇଁ, ଅଧ୍ୟାପକ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ହରିବାବାଙ୍କ ପୁତ୍ର ଉମାପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ସୂଚନାଯୋଗ୍ୟ, କୃପାଭିକ୍ଷୁ ଶ୍ରୀହରିଦାସ ବାବାଙ୍କ ପ୍ରକୃତନାମ ହରେକୃଷ୍ଣ ପଟ୍ଟନାୟକ। ସେ ଢେଙ୍କାନାଳ ଜିଲାର କୃଷି ଅଧିକାରୀ, ଅତିରିକ୍ତ ଦେବୋତ୍ତର ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୪ରେ ସରକାରୀ କାର୍ଯ୍ୟରୁ ଅବସର ପରେ ଗୃହତ୍ୟାଗ ପୂର୍ବକ ସପ୍ତଶଯ୍ୟା ମଠରେ ଜୀବନର ଅନ୍ତିମ ସମୟ ଯାଏ ଅବସ୍ଥାନ କରିଥିଲେ। ତାଙ୍କ ଉଦ୍ୟମରେ ସପ୍ତଶଯ୍ୟାଠାରେ ୨ ଥର ଭାରତ ଧର୍ମ ମହାସଭା ଆୟୋଜିତ ହୋଇଥିଲା। ସେ ଦୀର୍ଘ ୨୭ବର୍ଷ ଧରି 'ସତ୍ୟଦୀପ' ଧର୍ମ ପତ୍ରିକା ପ୍ରକାଶନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ୨୦୦୩ରେ ତାଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ମିଳିଥିଲା। ତାଙ୍କ ରଚିତ ଆଧ୍ୟାତ୍ମିକ ରଚନା 'ମୋ ବାୟାଧନ ଟି' ପାଠକୀୟ ସ୍ୱୀକୃତି ଲାଭ କରିଛି। ୮୧ବର୍ଷ ବୟସରେ ଏପ୍ରିଲ ୧୮ ତାରିଖ ୨୦୦୬ରେ ତାଙ୍କର ଦେହାବସାନ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଭୟାବହ ଅଗ୍ନିକାଣ୍ଡ: ୧୪ ପରିବାର ସର୍ବସ୍ୱାନ୍ତ


ଗୋବିନ୍ଦପ୍ରସାଦରେ ଘରପୋଡ଼ି ବେଳର ଦୃଶ୍ୟ।

- ଗୋବିନ୍ଦପ୍ରସାଦରେ ୧୫ ବଖରା ଛାରଖାର
- ଅଁଳାକଟାରେ ୨ ଘର ପୋଡ଼ିଗଲା

**ଢେଙ୍କାନାଳ ଅଫିସ/ପରଜଙ୍ଗ (ଡି.ଏନ୍.ଏ.), ୧୯।୪**

ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୭ ବଖରା ପୋଡ଼ି ଛାରଖାର ହୋଇଯାଇଥିବାବେଳେ ୧୪ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ନିଆଁର କରାଳ ରୂପ ଦେଖିବାକୁ ମିଳିଛି ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଗ୍ରାମରେ। ଏଠାରେ ସନ୍ଧ୍ୟା ପ୍ରାୟ ୬ଟା ୨୦ରେ ହଠାତ୍ ଅଗ୍ନିକାଣ୍ଡ ଘଟି ଚାରିଆଡ଼କୁ ନିଆଁ ବ୍ୟାପି ଯାଇଥିଲା। ଫଳରେ ୧୩ ପରିବାର ୧୫ ବଖରା ଜଳିଯାଇଛି। ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଢେଙ୍କାନାଳ ଓ ରାସୋଲରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଗୋପାଳ ସେଠୀ, ବୁଧିଆ ସେଠୀ, ଲକ୍ଷ୍ମୀ ସେଠୀ, ପ୍ରଫୁଲ୍ଲ ସେଠୀ, ବିଜୟ ସେଠୀ, ପାଣ୍ଡବ ସେଠୀ, ରଞ୍ଜୁ ସେଠୀ, ପଙ୍କଜ ସେଠୀ, ଅଖିଳ ସେଠୀ, ଶ୍ରୀଧର ସେଠୀ, ରାଜନ ବେହେରା, ସବିତା ସେଠୀ ସର୍ବସ୍ୱ ହରାଇଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏଭଳି ବିପତ୍ତି ବିପନ୍ନଙ୍କ ଦୁଃଖ ବଢାଇ ଦେଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ପରଜଙ୍ଗ ବ୍ଲକ ଅଁଳାକଟା ଦଳିତ ସାହିରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଈଶ୍ୱର ନାଏକଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାହିବାସୀ ଦାବି କରିଛନ୍ତି।

# ପ୍ରତିମା ହିନ୍ଦୋଳ ଏନ୍‌ଏସି ଉପାଧ୍ୟକ୍ଷା

**ଢେଙ୍କାନାଳ ଅଫିସ, ୧୯।୪**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିର ଉପାଧ୍ୟକ୍ଷ ପଦବୀରେ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଛି। ଏଥିଲାଗି ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଭାଜପା ପ୍ରାର୍ଥିନୀଙ୍କୁ ହରାଇ ୧୦ନଂ. ୱାର୍ଡର ବିଜେଡି କାଉନ୍‌ସିଲର ପ୍ରତିମା ରାଉତ ବିଜୟୀ ହୋଇଛନ୍ତି।

ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ ମୋଟ ୧୬ ୱାର୍ଡ ମଧ୍ୟରୁ ୧୧ଟିରେ ବିଜୟୀ ହୋଇ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ବିଜେଡି। ଅବଶିଷ୍ଟ ୫ ୱାର୍ଡ ଭାଜପା ଖାତାକୁ ଯାଇଥିଲା। ଯେହେତୁ ଉପାଧ୍ୟକ୍ଷା ପଦବୀ ପାଇଁ ଆବଶ୍ୟକ ସଂଖ୍ୟା ବିଜେଡି ପାଖରେ ଥିଲା, ତେଣୁ ନିର୍ବାଚନର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଆଶା କରାଯାଉଥିଲା। କିନ୍ତୁ ପ୍ରତିମାଙ୍କ ବିପକ୍ଷରେ ଭାଜପା ପକ୍ଷରୁ ୬ ନମ୍ବର ୱାର୍ଡର କାଉନ୍‌ସିଲର ତୃପ୍ତିମୟୀ ବେହେରା ପ୍ରାର୍ଥିପତ୍ର ଦାଖଲ କରିବା ପରେ ରୋଚକ ସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି କ୍ରସ୍ ଭୋଟିଂ ହୋଇପାରେ ବୋଲି ଚାପା ଗୁଞ୍ଜରଣ ପ୍ରକାଶ ପାଇଥିଲା। ହେଲେ ଫଳାଫଳ ପ୍ରକାଶ ପାଇବା ପରେ ସବୁ କଳ୍ପନାଜଳ୍ପନାର ପରିସମାପ୍ତି ଘଟିଥିଲା। ପ୍ରତିମାଙ୍କ ସପକ୍ଷରେ ୧୧ ଏବଂ ତୃପ୍ତିମୟୀଙ୍କ ସପକ୍ଷରେ ୫ ଖଣ୍ଡ ଭୋଟ ପଡ଼ିଥିଲା। ଫଳାଫଳ ଘୋଷଣା ପରେ ହିନ୍ଦୋଳ ଏନ୍‌ଏସି ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଧାୟକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପାଧ୍ୟକ୍ଷା ପ୍ରତିମା ଏବଂ ଦଳୀୟ କାଉନ୍‌ସିଲରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏନ୍‌ଏସି ନିର୍ବାଚନରେ ବିଜେଡିର କେଶବ ଚନ୍ଦ୍ର ପ୍ରଧାନ ନଗରପାଳ ଭାବେ ନିର୍ବାଚିତ ହୋଇଥିବାବେଳେ ଉପାଧ୍ୟକ୍ଷ ପଦବୀ ମଧ୍ୟ ଶାସକ ଦଳ ଭାଗରେ ପଡ଼ିଛି।


ଦଳୀୟ ନେତୃବୃନ୍ଦଙ୍କ ସହ ନବନିର୍ବାଚିତ ଉପାଧ୍ୟକ୍ଷା ପ୍ରତିମା ରାଉତ।

# ଜଳ ବିଭାଜିକା କମିଟି ଗଠନରେ ଅନିୟମିତତା

**କାମାକ୍ଷାନଗର,୧୯।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଜଳ ବିଭାଜିକା କମିଟି ଗଠନରେ ଅନିୟମିତତା ହୋଇଥିବା ଚର୍ଚ୍ଚା ହେଉଛି। କଙ୍କଡ଼ାହାଡ଼ ବ୍ଲକ ଗତରେଇ ଗ୍ରାମବାସୀ ଅନୁରୂପ ଅଭିଯୋଗ ଆଣି ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଟି ଗଠନ ପୂର୍ବରୁ ଅଞ୍ଚଳବାସୀଙ୍କ ସହିତ କୌଣସି ଆଲୋଚନା କରାଯାଇନାହିଁ କିମ୍ବା ମତାମତ ନିଆଯାଇନାହିଁ। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସଂକ୍ରାନ୍ତ ଏକ ଅଭିଯୋଗପତ୍ର ସେମାନେ ଉପଜିଲାପାଳଙ୍କୁ ଦେଇଛନ୍ତି। ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ଜାତିର କଲ୍ୟାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜିରିଡ଼ାମାଲିସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶଶିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଭାବେ ଗଢ଼ିତୋଳିବା, ଜାତିର କଲ୍ୟାଣରେ ବିନିଯୋଗ କରିବାରେ ଶିକ୍ଷକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାନୁଷ୍ଠାନ ବାତାବରଣ ଶିକ୍ଷା ଅନୁକୂଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଡିଓ ବିକାଶ ମହାନ୍ତି, କାମାକ୍ଷାନଗର କଲେଜର ପୂର୍ବତନ ଅଧ୍ୟକ୍ଷ ମେଜର ପ୍ରଭାତ ଦାଶ, ପଣ୍ଡୁଆ କଲେଜ ଅଧ୍ୟାପକ ବିଭୁଦେନ୍ଦୁ ପ୍ରଧାନ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପାଧ୍ୟକ୍ଷା ବୀଣାପାଣି ସାମଲ, ଶିକ୍ଷକ ଶାନ୍ତନୁ ଖୁଣ୍ଟିଆ, ଶିକ୍ଷୟିତ୍ରୀ ସୁନିତା ପାତ୍ର, କବିତାରାଣୀ ପଣ୍ଡା, ସ୍ନେହାଝର ବେହେରା, ସୁଚିତା ସ୍ୱାଇଁ, ସସ୍ମିତା ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଲୋ-ଭୋଲ୍‌ଟେଜ୍‌ରେ ନାକ୍ୟାନ୍ତ




ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଜୁବିଲି ଟାଉନ୍‌ବାସୀ (ବାମ)। ଦକ୍ଷିଣକାଳୀ ରୋଡ୍‌ରେ ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ଦାବିରେ ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

**ଢେଙ୍କାନାଳ ଅଫିସ, ୧୯।୪**

**ତାତିଲେ ଦକ୍ଷିଣକାଳୀ ରୋଡ୍, ଜୁବିଲିଟାଉନ୍‌ବାସୀ**

ତତଲା କଡ଼େଇରେ ପରିଣତ ହୋଇଛି ସାରା ରାଜ୍ୟ। ଏଥିରୁ ବାଦ୍ ପଡ଼ିନି ଢେଙ୍କାନାଳ। ଜିଲାର ତାପମାତ୍ରା ୪୦ ଟପିଥିବାବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏଭଳି ସମୟରେ ଲୋ-ଭୋଲ୍‌ଟେଜ ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସାଜିଛି। ବିଦ୍ୟୁତ୍ ବିଭାଗର ଦୂରଦୃଷ୍ଟି ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ଦକ୍ଷିଣକାଳୀ ରୋଡ୍ ଓ ଜୁବିଲିଟାଉନ୍ ଅଞ୍ଚଳବାସୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଦକ୍ଷିଣକାଳୀ ଅଞ୍ଚଳକୁ ସେବାଶ୍ରମ ବିଦ୍ୟାଳୟ ନିକଟ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। କ୍ଷମତା ତୁଳନାରେ ଉପଭୋକ୍ତାଙ୍କ ସଂଖ୍ୟା ଅଧିକ ହେଉଥିବାରୁ ଲୋ-ଭୋଲ୍‌ଟେଜ୍ ସମସ୍ୟା ସୃଷ୍ଟି ହେଉଛି। ଫ୍ୟାନ୍ ଭଲ ଭାବେ ଘୁରୁନାହିଁ। ପାଣି ପମ୍ପ ଚାଲୁ ନ ଥିବାରୁ ସମସ୍ୟା ଉପୁଜୁଛି। ତେଣୁ ଅଞ୍ଚଳପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରାନ୍ସଫର୍ମର ବସାଇବା କିମ୍ବା ଆଶ୍ରମ ସ୍କୁଲ ନିକଟରେ ଥିବା ଟ୍ରାନ୍ସଫର୍ମର କ୍ଷମତା ବଢ଼ାଇବା ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ବୁଧବାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ୍ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସୁବାସ ଶତପଥୀ, ରମେଶ ସାମଲ, ପ୍ରସନ୍ନ ରାୟ, ଜୟଶ୍ରୀ ପି. ଶତପଥୀ, ମାନସ ମହାନ୍ତି, ଅଲିଭାଜ୍ୟୋତି ଦାସ, ଅପରାଜିତା ପାଲ, ପ୍ରଦୀପ ରଥ, ରମାକାନ୍ତ ନାୟକ ମନୋଜ ବେହେରା, କୁଳମଣି ମାଝି, ଅକ୍ଷୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଜୁବିଲି ଟାଉନ ଅନ୍ତର୍ଗତ ସନ୍ ହସ୍ପିଟାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି। ଅଞ୍ଚଳର ଗୋବିନ୍ଦ ଶତପଥୀ, ପଦ୍ମନାଭ ଲେଙ୍କା, ରବିନାରାୟଣ ଦାସ, ସଚ୍ଚିକାନ୍ତ ବିଶ୍ୱାଳ, ପ୍ରମୋଦ ବେହେରା ପ୍ରମୁଖ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଯଯାତି କେଶରୀ ଦାସଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଏକ ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

